# NATIONAL NEWS BULLETIN (ODIA)

## 1 August - 2024

## Mid Bulletin : 1.50 p.m.

---

# ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଗତ ହେଲା ବିପର୍ଯ୍ୟୟ ପରିଚାଳନା ସଂଶୋଧନ ବିଲ୍-୨୦୨୪, ଆଲୋଚନା  ଜାରି।

- କେରଳ ୱାୟାନାଡ ଭୂସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୨୬୦କୁ ବୃଦ୍ଧି; ଉଦ୍ଧାର କାର୍ଯ୍ୟରେ ଭାରତୀୟ ବାୟୁସେନା ସାମିଲ।

- ମେଟା ପ୍ରତିଷ୍ଠାତା ତଥା ସିଇଓ ମାର୍କ ଜୁକରବର୍ଗ କହିଛନ୍ତି, କୃତ୍ରିମ ବୁଦ୍ଧିମତା ବ୍ୟବହାର ପାଇଁ ଭାରତ ଏବେ ସବୁଠାରୁ ବଡ଼ ବଜାର।

- ଶ୍ରୀଲଙ୍କାର ଏକ ନୌସେନା ଜାହାଜ ଓ ଭାରତର ମାଛଧରା ଡଙ୍ଗା ମୁହାଁମୁହିଁ ଧକ୍କା ହେବା ଘଟଣାରେ ଶ୍ରୀଲଙ୍କା ରାଷ୍ଟ୍ରଦୂତଙ୍କୁ ସମନ କଲା ଭାରତ।

ଏବଂ

- ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳାରେ ଆସନ୍ତାକାଲି ମୁହାଁମୁହିଁ ହେବେ ଭାରତ-ଶ୍ରୀଲଙ୍କା ।

## ଲୋକସଭା ବିପର୍ଯ୍ୟୟ ବିଲ୍

ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆଜି ଲୋକସଭାରେ ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ବିଲ୍ ୨୦୨୪ ଆଗତ କରିଛନ୍ତି। ଏହି ବିଲ୍‌ରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ରେ ସଂଶୋଧନ କରିବାକୁ ବ୍ୟବସ୍ଥା ରହିଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦକ୍ଷ କାର୍ଯ୍ୟକୁ ସୁଦୃଢ଼ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଜାତୀୟ କାର୍ଯ୍ୟକାରିଣୀ କମିଟି ଓ ରାଜ୍ୟ କାର୍ଯ୍ୟକାରିଣୀ କମିଟି ପରିବର୍ତ୍ତେ ଜାତୀୟ ସ୍ତରରେ ଓ ରାଜ୍ୟସ୍ତରରେ ବିପର୍ଯ୍ୟୟ ଯୋଜନା ପ୍ରସ୍ତୁତ କରିବାକୁ ଏହା କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରିବ। ଏହି ବିଲ୍‌ରେ ଜାତୀୟ ଓ ରାଜ୍ୟସ୍ତରରେ ବିପର୍ଯ୍ୟୟ ଡାଟାବେସ୍ ପ୍ରସ୍ତୁତ କରିବାକୁ ବ୍ୟବସ୍ଥା କରାଯାଇଛି। ବିଲ୍‌ରେ ରାଜ୍ୟ ରାଜଧାନୀ ଏବଂ ମହାନଗର ନିଗମ ଥିବା ବଡ଼ ସହରଗୁଡ଼ିକ ପାଇଁ ସହରାଞ୍ଚଳ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଗଠନ ପାଇଁ ବ୍ୟବସ୍ଥା ରହିଛି। ଏଥିରେ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀ ଗଠନ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ତ୍ତୃପକ୍ଷ ଓ କମିଟିଗୁଡ଼ିକର ଭୂମିକାରେ ଅଧିକ ସ୍ୱଚ୍ଛତା ଏବଂ ସମନ୍ୱୟ ଆଣିବା ଏହି ବିଲ୍‌ର ଉଦ୍ଦେଶ୍ୟ।

## କେରଳ–ଭୂସ୍ଖଳନ

କେରଳର ୱାୟନାଡ ଜିଲ୍ଲାର ମୁଣ୍ଡାକାଇ, ଅଟ୍ଟାମାଲା ଏବଂ ଚୁରାଲମାଲା ଅଞ୍ଚଳରେ ମଙ୍ଗଳବାର ପ୍ରବଳ ଭୂସ୍ଖଳନ ଯୋଗୁଁ ବ୍ୟାପକ

ଧନଜୀବନ କ୍ଷୟକ୍ଷତି ଘଟିଥିବା ବେଳେ ଉଦ୍ଧାରକର୍ମୀମାନେ ତଲାସୀ ଅଭିଯାନ ଜାରି ରଖିଛନ୍ତି ।

ଉଦ୍ଧାରକାରୀ କର୍ମଚାରୀମାନେ ପ୍ରଭାବିତ ଅଞ୍ଚଳରେ ଜମା ହୋଇଥିବା ବିପୁଳ ପରିମାଣର ଆବର୍ଜନାକୁ ଦେଖି ବଞ୍ଚିଥିବା ବ୍ୟକ୍ତି ଓ ମୃତକଙ୍କୁ ଖୋଜୁଛନ୍ତି । ଭୂସ୍ଖଳନ ଆରମ୍ଭ ହୋଇଥିବା କୁହାଯାଉଥିବା ଜଙ୍ଗଲ ସୀମାନ୍ତ ପୁଞ୍ଚିରିଭାଟମ୍ ଅଞ୍ଚଳରେ ଜୀବିତ ଲୋକଙ୍କୁ ଖୋଜା ଚାଲିଛି । ଖୋଜାଖୋଜି ପାଇଁ ଡଗ୍ ସ୍କ୍ୱାଡ୍ ମଧ୍ୟ ମୁତୟନ କରାଯାଇଛି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୨୬୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୯ ଜଣଙ୍କ ମୃତଦେହ ଚିହ୍ନଟ ହୋଇପାରିନାହିଁ। ପ୍ରଭାବିତ ଅଞ୍ଚଳରୁ ଶରୀରର ୮୬ଟି ଖଣ୍ଡବିଖଣ୍ଡିତ ଅଙ୍ଗ ଉଦ୍ଧାର କରାଯାଇଛି । ଚୁରାମଲାଇର ଏକ ନାଳ ଉପରେ ବେଲି ସେତୁ ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ଆଜି ଅପରାହ୍ନରେ ଏହା ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ କୋଝିକୋଡ଼ର ଭିଲାଙ୍ଗଡଠାରେ ଗତ ରବିବାର ଭୂସ୍ଖଳନରେ ଭାସି ଯାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାରକାରୀ ଦଳ ଠାବ କରିଛନ୍ତି ।

## ଭାରତୀୟ ବାୟୁସେନା – ଓ୍ୱାୟନାଡ

ଭାରତୀୟ ବାୟୁସେନା କେରଳର ଓ୍ୱାୟନାଡରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ ଏବଂ ଅନ୍ୟାନ୍ୟ ସଂଗଠନ ସହ ସମନ୍ୱୟ ରକ୍ଷା କରି ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରଖିଛି ।

ପ୍ରଭାବିତ ଅଞ୍ଚଳରେ ଚିକିତ୍ସା ସହାୟତା ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ବାୟୁସେନାର ସି-୧୭ ବିମାନ ଅନ୍ୟ ଅତ୍ୟାବଶ୍ୟକ ଉପକରଣ ସମେତ ୫୩ ମେଟ୍ରିକ୍ ଟନ୍ ଅତ୍ୟାବଶ୍ୟକ ସାମଗ୍ରୀ ଆଣିଛି। ଏଏନ୍-୩୨ ଓ ସି-୧୩୦ ବିମାନରେ ରିଲିଫ୍ ସାମଗ୍ରୀ ଓ କର୍ମଚାରୀ ରହିଛନ୍ତି। ବିସ୍ଥାପିତଙ୍କ ସମେତ ୨୦୦ରୁ ଅଧିକ ଲୋକଙ୍କୁ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳକୁ ପହଞ୍ଚାଇବାର ସୁବିଧା କରାଯାଇଛି। ସହାୟତା ଓ ବିପର୍ଯ୍ୟୟ ମୁକାବିଲା ପାଇଁ ଏମଆଇ-୧୭ ଏବଂ ଧ୍ରୁବ ଆଡଭାନ୍ସ ଲାଇଟ୍ ହେଲିକପ୍ଟର ସାମିଲ କରାଯାଇଛି। ଏହି ହେଲିକପ୍ଟର ପ୍ରଭାବିତ ଅଞ୍ଚଳରୁ ବହୁ ସଂଖ୍ୟକ ଲୋକଙ୍କୁ ସ୍ଥାନାନ୍ତର କରିଛି।

## ସଂସଦ-ଥରୁର

ଓ୍ୱାୟନାଡ ଭୂସ୍ଖଳନକୁ ଏକ ଭୀଷଣ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିବାକୁ ବରିଷ୍ଠ କଂଗ୍ରେସ ସାଂସଦ ଶଶି ଥରୁର ଆଜି ସରକାରଙ୍କ ନିକଟରେ ଦାବି କରିଛନ୍ତି। ସଂସଦ ବାହାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଥରୁର କହିଛନ୍ତି, ସେ ଏହି ପ୍ରସଙ୍ଗରେ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ସେ ଚିଠି ଲେଖିଛନ୍ତି। ଯଦି ସରକାର ଏହାକୁ ଭୀଷଣ ବିପର୍ଯ୍ୟୟ ଭାବେ ଘୋଷଣା କରନ୍ତି, ତେବେ ସାଂସଦମାନେ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ଯୋଜନା ଅଧୀନରେ ରିଲିଫ୍ ଓ ଥଇଥାନ କାର୍ଯ୍ୟ ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଯୋଗଦାନ କରିପାରିବେ।

## ମେଟା

ମେଟା ପ୍ରତିଷ୍ଠାତା ତଥା ସିଇଓ ମାର୍କ ଜୁକରବର୍ଗ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର ପାଇଁ ଭାରତ ଏବେ ସବୁଠାରୁ ବଡ଼ ବଜାର। ଜୁକରବର୍ଗ କହିଛନ୍ତି, ଦ୍ୱିତୀୟ ତ୍ରୟମାସର ଆୟ କଲ୍ ରେ ସେମାନେ ହ୍ୱାଟ୍ସଆପ୍ ରେ ଆଶାଜନକ ସଫଳତା ଦେଖୁଛନ୍ତି ଏବଂ ମେଟା ଏଆଇ ବ୍ୟବହାର ପାଇଁ ଭାରତ ସେମାନଙ୍କର ସର୍ବବୃହତ ବଜାରରେ ପରିଣତ ହୋଇଛି। ମେଟା ଏଆଇ ବର୍ତ୍ତମାନ ହିନ୍ଦୀ, ଫ୍ରେଞ୍ଚ୍ ଏବଂ ଜର୍ମାନ ସମେତ ଅନ୍ୟ ୭ ଟି ଭାଷାରେ ଉପଲବ୍ଧ ହେଉଛି। ଭାରତରେ ମେଟା ଏଆଇ ଗତବର୍ଷ ଲଞ୍ଚ ହୋଇଥିଲା କିନ୍ତୁ ଚଳିତ ବର୍ଷ ଜୁନ୍ ମାସରେ ଏହାକୁ ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସାର୍ବଜନୀନ କରାଯାଇଥିଲା।

## ଭାରତ-ଶ୍ରୀଲଙ୍କା

ଶ୍ରୀଲଙ୍କାର ଏକ ନୌସେନା ଜାହାଜ ଓ ଭାରତର ମାଛଧରା ଡଙ୍ଗା ମୁହାଁମୁହିଁ ଧକ୍କା ହେବା ଘଟଣାରେ ଜଣେ ଭାରତୀୟ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟଣାରେ ଭାରତ ଆଜି ଶ୍ରୀଲଙ୍କା ରାଷ୍ଟ୍ରଦୂତଙ୍କୁ ସମନ କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ନୂଆଦିଲ୍ଲୀରେ ଥିବା ଶ୍ରୀଲଙ୍କାର କାର୍ଯ୍ୟକାରୀ ହାଇକମିଶନରଙ୍କୁ ଆଜି ସକାଳେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଡକାଯାଇ ଏହି ଘଟଣାକୁ ନେଇ ତୀବ୍ର ପ୍ରତିବାଦ କରାଯାଇଛି। କଲମ୍ବୋରେ ଥିବା ଭାରତୀୟ ହାଇକମିଶନର ମଧ୍ୟ ଆଜି

ଶ୍ରୀଲଙ୍କା ସରକାରଙ୍କ ସହ ଏହି ପ୍ରସଙ୍ଗ ଉଠାଇବେ ବୋଲି ମନ୍ତ୍ରଣାଳୟ କହିଛି ।

ମନ୍ତ୍ରଣାଳୟ କହିଛି, ଭାରତ ସରକାର ସର୍ବଦା ମତ୍ସ୍ୟଜୀବୀଙ୍କ ସହ ଜଡିତ ସମସ୍ୟାକୁ ମାନବିକତାର ସହ ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛନ୍ତି ଏବଂ ଉଭୟ ସରକାର ଏହାକୁ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ୍ । ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରଣାଳୟ କହିଛି ।

ଏହା ପୂର୍ବରୁ ଆଜି ସକାଳେ ଶ୍ରୀଲଙ୍କାର ଏକ ନୌସେନା ଜାହାଜ ଏବଂ ଭାରତର ଏକ ମାଛଧରା ଡଙ୍ଗା ମଧ୍ୟରେ ଧକ୍କା ହୋଇଥିଲା । ଜାହାଜରେ ଥିବା ୪ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ନିଖୋଜ ଅଛନ୍ତି । ୨ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି । ନିଖୋଜ ମତ୍ସ୍ୟଜୀବୀଙ୍କୁ ଠାବ କରିବା ଲାଗି ତଲାସୀ ଅଭିଯାନ ଜାରି ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ଘଟଣା ଜାଫନାରେ ଘଟିଛି ।

## ସୁପ୍ରିମକୋର୍ଟ - ଏସସି/ଏସଟି ସଂରକ୍ଷଣ

ପ୍ରଧାନ ବିଚାରପତି ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଗଠିତ ୭ ଜଣିଆ ଖଣ୍ଡପୀଠ ଆଜି ରାଜ୍ୟ ବିଧାନସଭା ଏସ୍‌ସି ଏବଂ ଏସଟି ମଧ୍ୟରେ ଉପବର୍ଗୀକରଣକୁ ଅନୁମତି ଦେବା ପ୍ରସଙ୍ଗରେ ରାୟ ଶୁଣାଇଛନ୍ତି ।

ସୁପ୍ରିମ୍‌କୋର୍ଟ ୨୦୦୪ର ଇଭି ଚିନ୍ନାୟା ରାୟକୁ ଖାରଜ କରିଛନ୍ତି। ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷଣର ଉପବର୍ଗୀକରଣ ନିଯୁକ୍ତି ଓ ସରକାରୀ ଚାକିରିରେ ଗ୍ରହଣୀୟ ନୁହେଁ ବୋଲି ଚିନ୍ନାୟା ତାଙ୍କ ରାୟରେ କହିଥିଲେ।

ପ୍ରଧାନ ବିଚାରପତି ଜଷ୍ଟିସ ଡି.ଓ୍ୱାଇ ଚନ୍ଦ୍ରଚୂଡ଼ ତାଙ୍କ ରାୟରେ କହିଛନ୍ତି, ଅନୁସୂଚିତ ଜନଜାତି ଉଚ୍ଚ ଜାତିର ନୁହନ୍ତି। ଏହାର ଉପବର୍ଗୀକରଣ ସମ୍ବିଧାନର ଧାରା ୧୪ର ଉଲ୍ଲଂଘନ ନୁହେଁ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ଧାରା ୧୫ ଏବଂ ୧୬ କୌଣସି ରାଜ୍ୟକୁ ଏକ ଜାତିକୁ ଉପ-ବର୍ଗୀକରଣ କରିବାରୁ ରୋକି ପାରିବ ନାହିଁ ।

ଚଳିତ ବର୍ଷ ଫେବୃଆରି ୮ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅନ୍ୟ ଆଇନଜୀବୀଙ୍କ ଏ ସମ୍ପର୍କିତ ଆବେଦନର ଶୁଣାଣି କରିଥିଲେ।

## ଶେଖାଓ୍ୱତ-ସଂଗ୍ରହାଳୟ ସମ୍ମିଳନୀ

ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ 'ଆଗାମୀ ଯୁଗିନ ଭାରତ ସଂଗ୍ରହାଳୟ'ରେ ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ତିନିଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ସଂଗ୍ରହାଳୟର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବ।

ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ଶେଖାଓ୍ୱତ କହିଛନ୍ତି, ଭାରତର ସାମର୍ଥ୍ୟ ଓ ଶକ୍ତି ବୃଦ୍ଧି ସହିତ ବିଶ୍ୱ ଭାରତ ପ୍ରତି ଆକୃଷ୍ଟ

ହୋଇଛି । ସେ କହିଛନ୍ତି, ଆଜି ସମଗ୍ର ବିଶ୍ୱର ଲୋକମାନେ ଭାରତକୁ ଜାଣିବା ଏବଂ ବୁଝିବାକୁ ଚାହୁଁଛନ୍ତି । ଶ୍ରୀ ଶେଖାୱତ କହିଛନ୍ତି, ଦେଶରେ ଅନେକ ମୂଲ୍ୟବାନ ଐତିହ୍ୟ ସମ୍ପତ୍ତି ରହିଛି ଯାହା ବିଶ୍ୱ ଏପର୍ଯ୍ୟନ୍ତ ଦେଖିନାହିଁ ଏବଂ ଏହାକୁ ବିଶ୍ୱ ପ୍ଲାଟଫର୍ମରେ ପ୍ରଦର୍ଶିତ କରିବାର ଆବଶ୍ୟକତା ରହିଛି । ଜି-୨୦ ଓ ୟୁନେସ୍କୋ ବିଶ୍ୱ ଐତିହ୍ୟ କମିଟି ଭଳି ଦୁଇଟି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପରେ ଆଜି ବିଶ୍ୱ ଭାରତର ଐତିହ୍ୟ ଓ ଭିତ୍ତିଭୂମିକୁ ସ୍ୱୀକୃତି ଦେଇଛି । ଶ୍ରୀ ଶେଖାୱତ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ବିରାସତ୍ ଭି ଔର ବିକାଶ ଭି'ର ପରିକଳ୍ପନା ସହିତ ଦେଶର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ।

## ଲୋକସଭା-ଡିଜିଯାତ୍ରା

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମ ମୋହନ ନାଇଡୁ କହିଛନ୍ତି, ଦେଶର ୧୫ଟି ବିମାନବନ୍ଦରରେ ଡିଜିଯାତ୍ରା କାର୍ଯ୍ୟକାରୀ ହୋଇଛି । ଆଜି ଲୋକସଭାରେ ପ୍ରଶ୍ନକାଳରେ ଶ୍ରୀ ନାଇଡୁ କହିଛନ୍ତି, ବିମାନବନ୍ଦରରେ ଯାତ୍ରୀଙ୍କ ପାଇଁ ନିରବଚ୍ଛିନ୍ନ ଭାବେ ଡିଜିଯାତ୍ରା ସୁବିଧା ଯୋଗାଇ ଦିଆଯାଉଛି । ଡିଜିଯାତ୍ରାର ସୁବିଧା ଆହୁରି ୧୨ଟି ବିମାନବନ୍ଦରକୁ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି ।

## କ୍ରିକେଟ୍

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳା ଆସନ୍ତାକାଲିଠାରୁ ଆରମ୍ଭ ହେବ । ସମସ୍ତ

ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋସ୍ଥିତ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ । ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା  ୪ ତାରିଖ ଏବଂ ତୃତୀୟ ମ୍ୟାଚ୍ ୭ ତାରିଖରେ ଅନୁଷ୍ଠିତ ହେବ । ସମସ୍ତ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ୫୦ ଓଭର୍ ବିଶିଷ୍ଟ ଏହି ମ୍ୟାଚ୍ ଗୁଡ଼ିକରେ ରୋହିତ ଶର୍ମା ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ । ଦଳରେ ବିରାଟ କୋହଲି ଏବଂ ଶ୍ରେୟସ ଆୟାର ମଧ୍ୟ ଅଛନ୍ତି । ଏହା ପୂର୍ବରୁ ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଭାରତ ଟି-୨୦ ଶୃଙ୍ଖଳା ୩-୦ରେ ଅକ୍ତିଆର କରିସାରିଛି ।